ନିତିଦିନ NITIDIN

୨୬ରୁ ମାଟ୍ରିକ୍ ଖାତାଦେଖା

କଟକ,୨୧।୫/ଏନ୍ଏନ୍ଏସ୍ : ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଖାତାଦେଖା ଆସନ୍ତା ୨୬ତାରିଖରୁ ପୂର୍ବ ନିର୍ଦ୍ଧାରିତ ମୂଲ୍ୟାୟନ କେନ୍ଦ୍ର ଗୁଡ଼ିକରେ ଆରମ୍ଭ ହେବ। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ବୋର୍ଡକୁ ଅବଗତ କରାଯାଇଛି। ପ୍ରକାଶ ଥାଉକି, ଏହି ଖାତାଦେଖା ୨୧ତାରିଖ ଠାରୁ ଆରମ୍ଭ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମାତ୍ର ସାମୁଦ୍ରିକ ଝଡ଼ ଅମ୍ଫନ ପାଇଁ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା। ବାତ୍ୟା ପାଇଁ ଏହି ଖାତାଦେଖା ପ୍ରକ୍ରିୟା ସାମାନ୍ୟ ବିଳମ୍ବ ହୋଇଛି।

ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଚାନକ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ଼) କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ନେଇ ବୋର୍ଡ଼ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ୨୬ତାରିଖରୁ ଖାତାଦେଖା ଏବଂ ଜୁଲାଇ ମାସରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଥିଲେ। ତେବେ ସାମୁଦ୍ରିକ ଝଡ଼ ଅମ୍ଫନ ପାଇଁ ପ୍ରଭାବିତ ହୋଇଥିବା ୪ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହିତ ସେ ଆଲୋଚନା କରିଛନ୍ତି। ଏ ନେଇ ସମ୍ପୃକ୍ତ ଜିଲ୍ଲାପାଳମାନେ ପ୍ରସ୍ତାବ ପଠାଇଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଖାତାଦେଖା ପ୍ରକ୍ରିୟା ଓ ଫଳାଫଳ ସମ୍ପନ୍ନ ହେବ। ଜୁଲାଇ ମାସ ଶେଷ ସୁଦ୍ଧା ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଲେ ଛାତ୍ରଛାତ୍ରୀମାନଙ୍କୁ ଅଗଷ୍ଟ ମାସରେ କଲେଜରେ ନାମଲେଖାଇବା ନିମନ୍ତେ ସମୟ ମିଳି ପାରିବ ବୋଲି ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶିକ୍ଷା ବର୍ଷ ଅବଧି ବୃଦ୍ଧି ନେଇ ବିଚାର ବିମର୍ଷ ଜାରି ରହିଥିବା ମନ୍ତ୍ରୀ ପ୍ରକାଶ କରିବା ସହ ମାଧ୍ୟମିକ ଶିକ୍ଷା ପରିଷଦର ଏକାଡେମିକ କମିଟି ପକ୍ଷରୁ ପ୍ରସ୍ତାବ ଗ୍ରହଣ କରାଯିବ ବୋଲି କହିଛନ୍ତି। ବୋର୍ଡ଼ ସଭାପତି ରାମାଶିଷ ହାଜରା, ସମ୍ପାଦକ ଶ୍ରୀକାନ୍ତ ତରାଇ ଓ ପରୀକ୍ଷା ନିୟନ୍ତ୍ରକ ନିହାର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ଖାତାଦେଖା ଓ ଫଳ ପ୍ରକାଶନ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରିଥିଲେ।

କ୍ୟାବିନେଟ୍ ସଚିବଙ୍କ ସହ ଆଲୋଚନା

କେନ୍ଦ୍ରୀୟ ଟିମ୍ କରିବେ ଅମ୍ଫନ କ୍ଷୟକ୍ଷତି ଆକଳନ

ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍: ବାତ୍ୟା ଅମ୍ଫନ୍ ପରେ କ୍ଷୟକ୍ଷତି ନେଇ କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌବା ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ଭିଡିଓ କନ୍ଫରେନ୍ସିଂ ଯୋଗେ ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରାଯାଇଥିଲା। ତେବେ ବାତ୍ୟା ମୁକାବିଲା ନେଇ କ୍ୟାବିନେଟ୍ ସଚିବ ଶ୍ରୀ ଗୌବା ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ବିଶେଷକରି ଜୀବନହାନିକୁ କମାଇ ପାରିବା ନେଇ ସେ ରାଜ୍ୟର ପଦକ୍ଷେପକୁ ପ୍ରଶଂସା କରିଥିବା ସୂଚନା ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କ୍ୟାବିନେଟ୍ ସଚିବଙ୍କୁ ଅବଗତ କରାଇଛନ୍ତି ଯେ, ପ୍ରାଥମିକ ରିପୋର୍ଟ ଅନୁଯାୟୀ, ବାତ୍ୟା ଅମ୍ଫନ୍ ଯୋଗୁଁ ରାଜ୍ୟର ୮୯ଟି ବ୍ଲକ୍ ପ୍ରଭାବିତ ହୋଇଛି। ୧୫୦୦ ପଞ୍ଚାୟତ ଓ ୬୭୪୫ଟି ଗାଁରେ ଅମ୍ଫନ୍‌ର ପ୍ରଭାବ ପଡ଼ିଛି। ପାଖାପାଖି ୨ ଲକ୍ଷ ୪୦୦ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ସାମାଜିକ ଦୂରତା ନିୟମକୁ ଦୃଷ୍ଟିରେ ରଖି ୩୨୨୮ ବାତ୍ୟା ଆଶ୍ରୟସ୍ଥଳ ଏବଂ ଅନ୍ୟ ସୁରକ୍ଷିତ କୋଠାଗୁଡ଼ିକୁ ପ୍ରସ୍ତୁତ ରଖାଯାଇଥିଲା। ସମୁଦ୍ରରୁ ସମସ୍ତ ମତ୍ସ୍ୟଜୀବୀଙ୍କୁ ଫେରାଇ ଅଣାଯାଇଥିଲା। ଉପକୂଳ ଜିଲ୍ଲାର ପାଖାପାଖି ୨୨ ହଜାର ୫୦ଟି ମାଛଧରା ଡଙ୍ଗା ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା। ସେହିପରି ପ୍ରଭାବିତ ଅଞ୍ଚଳରେ ୨୧୦ଟି ମେଡିକାଲ୍ ଟିମ୍, ୭୫ ଭେଟେନାରୀ ଟିମ୍ ସେମାନଙ୍କ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ସେସୁ ଏବଂ ନେସ୍‌କୋର ପାଖାପାଖି ୪୪ ଲକ୍ଷ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି ବୋଲି କ୍ୟାବିନେଟ୍ ସଚିବଙ୍କୁ ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ ଜଣାଇଛନ୍ତି।

୮୯ ବ୍ଲକର ୧୫୦୦ ପଞ୍ଚାୟତରେ ପଡ଼ିଛି ବାତ୍ୟାର ପ୍ରଭାବ

ଏହାସହିତ ରାସ୍ତା ସଫା ଏବଂ ବିଦ୍ୟୁତ୍ ଯୋଗାଣର ପୁନରୁଦ୍ଧାର କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ଆଗୁଆ ମୁତୟନ ହୋଇଥିବା ଟିମ୍ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ପାନୀୟଜଳ ଯୋଗାଣ ସ୍ୱାଭାବିକ ହୋଇଛି। ସେସୁ ଅଧୀନରେ ପ୍ରଭାବିତ ହୋଇଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରୁ ପାଖାପାଖି ୮୦ ପ୍ରତିଶତ ପୁନରୁଦ୍ଧାର ହୋଇସାରିଛି। ସେହିପରି ୮୬ ପ୍ରତିଶତ ମୋବାଇଲ୍ ଯୋଗାଯୋଗ ସ୍ୱାଭାବିକ ହୋଇଛି। ଲକ୍ଷେ ହେକ୍ଟରରୁ ଅଧିକ ଜମିରେ ଫସଲ ନଷ୍ଟ ହୋଇଛି। କ୍ଷୟକ୍ଷତି ନେଇ ଆକଳନ ଜାରି ରହିଛି। ଆଗାମୀ କିଛି ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ ଶେଷ ହେବ ବୋଲି ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ ଜଣାଇଛନ୍ତି। ସେହିପରି ବାତ୍ୟାର ସଠିକ୍ ପୂର୍ବାନୁମାନ ପାଇଁ ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)କୁ ଧନ୍ୟବାଦ ଜଣାଇଛନ୍ତି। ବାତ୍ୟାର ସଠିକ୍ ଆକଳନ ଓଡ଼ିଶାକୁ ଆଗୁଆ ପ୍ରସ୍ତୁତ ହେବାରେ ସାହାଯ୍ୟ କଲା। ୬୧.୨୬ ଲକ୍ଷ ଏସ୍ଏମ୍ଏସ୍ ଜରିଆରେ ଲୋକଙ୍କୁ ସତର୍କ କରାଯାଇଥିଲା। ସେହିପରି ସମ୍ବେଦନଶୀଳ ଅଞ୍ଚଳରେ ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଇଥିଲା। ଗ୍ରାମ୍ୟସ୍ତରରେ ପ୍ରଶାସନ ସଜାଗ ରହିଥିଲା। ୧୬ ଏନ୍‌ଡିଆର୍‌ଏଫ୍, ୧୫ ଓଡ୍ରାଫ୍, ୨୧୭ ଅଗ୍ନିଶମ ବାହିନୀ, ୭୫ ଓଏଫ୍‌ଡିସି ଟିମ୍ ଆଗୁଆ ମୁତୟନ କରାଯାଇଥିଲା। ପାଖାପାଖି ୫୦୦ ଡିଜି ସେଟ୍, ୧୫୧୩ ଇନ୍‌ଫ୍ଲାମେବୁଲ୍ ଟାୱାର ଲାଇଟ୍, ୧୫୦୦ ଚେନ୍-ଶ (ଗଛ କଟାଳି) ବ୍ୟବସ୍ଥା କରାଯାଇଥିବା ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ।

କ୍ୟାବିନେଟ୍ ସଚିବ ଶ୍ରୀ ଗୌବା ସବୁ ପ୍ରକାର କେନ୍ଦ୍ରୀୟ ସହାୟତା ଯୋଗାଇ ଦେବା ନେଇ ଆଶ୍ୱାସନା ଦେଇଥିଲେ। ସେହିପରି କେନ୍ଦ୍ର ମନ୍ତ୍ରଣାଳୟ/ଏଜେନ୍ସିଗୁଡ଼ିକ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗରେ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ କ୍ଷୟକ୍ଷତିର ଶୀଘ୍ର ଆକଳନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ଟିମ୍ ଆସିବ ଏବଂ ରିପୋର୍ଟ ପ୍ରଦାନ କରିବ ବୋଲି ଶ୍ରୀ ଗୌବା କହିଥିଲେ। ଏହି ଭିଡିଓ କନ୍‌ଫରେନ୍ସିଂରେ ଅତିରିକ୍ତ ମୁଖ୍ୟ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା, ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଦେଓ ରଞ୍ଜନ ସିଂହ, ଶକ୍ତି ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, କୃଷି ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ସପ୍ତାହେ ମଧ୍ୟରେ ବିଦ୍ୟୁତ୍ ସେବା ସ୍ୱାଭାବିକ

ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍: ବାତ୍ୟା ଅମ୍ଫନ୍ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ସେବାର ପୁନରୁଦ୍ଧାର ପାଇଁ ସମସ୍ତେ ଅବିରତ ଭାବେ କାର୍ଯ୍ୟ ଜାରି ରଖିଥିବାରୁ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ପ୍ରଶଂସା କରିଛନ୍ତି। ବାତ୍ୟା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶିତାକୁ ପ୍ରଶଂସା କରିବା ସହ ଏଭଳି ସଂକଟ ସମୟରେ ରାଜ୍ୟର ନେତୃତ୍ୱ ନେଉଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି, ସେସୁର ପାଖାପାଖି ୨୬-୨୭ ଲକ୍ଷ ଉପଭୋକ୍ତା, ନେସ୍‌କୋର ୧୬ ଲକ୍ଷ ଉପଭୋକ୍ତା ଏବଂ ସାଉଥ୍‌କୋର ୨ ଲକ୍ଷ ଉପଭୋକ୍ତା ବାତ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଗତ ରାତିସୁଦ୍ଧା ଅତ୍ୟାବଶ୍ୟକ ସେବାଗୁଡ଼ିକରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ଯେତେବେଳେ ଅଧିକ ସଂଖ୍ୟକ ଲୋକେ ପ୍ରଭାବିତ ହୁଅନ୍ତି, ସେତେବେଳେ ପୁନଃସଂଯୋଗ ଏକ କଠିନ କାର୍ଯ୍ୟ ହୋଇଥାଏ। ଆମର ଆଗୁଆ ପ୍ରସ୍ତୁତି ଯୋଗୁଁ ଏହା ଆମକୁ ବେଶ୍ ସହାୟକ ହେବ। ପ୍ରଥମ ଥର ପାଇଁ ସୂର୍ଯ୍ୟୋଦୟ ସମୟରୁ କାର୍ଯ୍ୟ ଜାରି ରହିଛି। ଶକ୍ତିମନ୍ତ୍ରୀ କହିଛନ୍ତି, ପାଖାପାଖି ୮୦ ପ୍ରତିଶତ ସେସୁ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଛି। ଦ୍ରୁତଗତିରେ ନେସ୍‌କୋର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଅଧିକ ପ୍ରଭାବିତ ଅଞ୍ଚଳକୁ ଅଧିକ ମାନବସମ୍ବଳ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୫୮ଟି ଦଳ କାର୍ଯ୍ୟ କରୁଛନ୍ତି। ଆଗାମୀ ଦୁଇଦିନ ମଧ୍ୟରେ ୯୦-୯୫ ପ୍ରତିଶତ ବିଦ୍ୟୁତ୍ ପୁନରୁଦ୍ଧାର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ସପ୍ତାହେ ମଧ୍ୟରେ ସମ୍ପୂର୍ଣ୍ଣ ପୁନରୁଦ୍ଧାର ପାଇଁ ଟାର୍ଗେଟ୍ ରହିଛି। ରାଜ୍ୟରେ ସ୍ଥିତି ସ୍ୱାଭାବିକ କରିବା ପାଇଁ କାର୍ଯ୍ୟକରୁଥିବା ସମସ୍ତ ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଏବଂ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି।

ପୂର୍ତ୍ତ ବିଭାଗକୁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ଚିଠି

୧୫୧ କିମି ରାସ୍ତା ନଷ୍ଟ, ୪ କୋଟି ଦାବି

ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍: ସାମୁଦ୍ରିକ ଝଡ଼ ଅମ୍ଫନ ପ୍ରଭାବରେ ରାଜ୍ୟବ୍ୟାପୀ ପ୍ରାୟ ୧୫୧ କିଲୋମିଟର ରାସ୍ତା କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ମରାମତି ଏବଂ ପୁନରୁତ୍ଥାନ ପାଇଁ ୩ କୋଟି ୮୮ ଲକ୍ଷ ଟଙ୍କା ଆବଶ୍ୟକ ହେଉଥିବା ବେଳେ ରାସ୍ତାରୁ ଗଛ ସଫା କରିବା ପାଇଁ ୫୦ ଲକ୍ଷ ୯୨ ହଜାର ଟଙ୍କାର ଆବଶ୍ୟକତା ରହିଛି। ତେଣୁ ଆବଶ୍ୟକୀୟ ଅର୍ଥ ତୁରନ୍ତ ଯୋଗାଇଦେବାକୁ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଯୁଗ୍ମ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି।

ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ରିପୋର୍ଟ ଅନୁଯାୟୀ ବାତ୍ୟା ଅମ୍ଫନ ପ୍ରଭାବରେ ରାଜ୍ୟବ୍ୟାପୀ ୧୫୧ କିଲୋମିଟର ରାସ୍ତା ଏବଂ ୪୨ ଟି ବ୍ରିଜ କ୍ଷତିଗ୍ରସ୍ତ ହୋଇଛି। ରାସ୍ତା ଏବଂ ବ୍ରିଜରରେ ହୋଇଥିବା କ୍ଷତିର ପରିମାଣ ପ୍ରାୟ ୭ କୋଟି ୨୫ ଲକ୍ଷ ଟଙ୍କା ହେବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ରିପୋର୍ଟରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାରେ ରାସ୍ତା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଟି ଡିଭିଜନରେ ମୋଟ ୭୦ କିମି ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗୋଟିଏ ବ୍ରିଜ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମୋଟ କ୍ଷତିର ପରିମାଣ ପ୍ରାୟ ୩ କୋଟି ୨୯ ଲକ୍ଷ ଟଙ୍କା ହୋଇଥିବା ଏହାର ତୁରନ୍ତ ମରାମତି ପାଇଁ ୧ କୋଟି ୩୪ ଲକ୍ଷ ୫୦ ହଜାର ଟଙ୍କାର ଆବଶ୍ୟକତା ରହିଛି। ସେହିପରି ଜଗତସିଂହପୁର ଜିଲ୍ଲାରେମୋଟ ୩୮.୬୨ କିଲୋମିଟର ରାସ୍ତା କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪ଟି ବ୍ରିଜ ମଧ୍ୟ ଆଂଶିକ ଭାବେ ନଷ୍ଟ ହୋଇଛି। ରାସ୍ତା ଓ ବ୍ରିଜକୁ ମିଶାଇ ମୋଟ କ୍ଷତିର ପରିମାଣ ୧ କୋଟି ୧ ଲକ୍ଷ ଟଙ୍କା ହୋଇଥିବା ବେଳେ ଏହାର ତୁରନ୍ତ ମରାମତି ପାଇଁ ୨୧ ଲକ୍ଷ ୫୦ ହଜାର ଟଙ୍କାର ଆବଶ୍ୟକତା ରହିଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି। ସେହିପରି ଭଦ୍ରକ ଜିଲ୍ଲାର ଡିଭିଜନ-୨ରେ ୧୮.୪୫ କିମି ରାସ୍ତା ଓ ୨୬ଟି ବ୍ରିଜ ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ କ୍ଷତିର ପରିମାଣ ପ୍ରାୟ ୭୬ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ମରାମତି ପାଇଁ ଭଦ୍ରକ ଜିଲ୍ଲା ଡିଭିଜନ-୨କୁ ୫୯ ଲକ୍ଷ ୨୦ ହଜାର ଟଙ୍କା ଦେବାକୁ ରିପୋର୍ଟରେ ଦର୍ଶାଯାଇଛି। ଏପଟେ ବାଲେଶ୍ୱର ଜିଲ୍ଲାର ତିନୋଟି ଡିଭିଜନରେ ମୋଟ ୮୫ ଲକ୍ଷ ୩୪ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ବେଳେ ତୁରନ୍ତ ମରାମତି ପାଇଁ ୩୪ ଲକ୍ଷ ଟଙ୍କା ଯୋଗାଇଦେବାକୁ ମୁଖ୍ୟଯନ୍ତ୍ରୀ ଅନୁରୋଧ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଡିଭିଜନରେ ରାସ୍ତା ଏବଂ ବ୍ରିଜର କ୍ଷତିର ପରିମାଣ ପ୍ରାୟ ୪ ଲକ୍ଷ ଟଙ୍କା ଆକଳନ କରାଯାଇଥିବା ବେଳେ ବିଭାଗ ତୁରନ୍ତ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ମୁଖ୍ୟଯନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ପାଇଁ ତୁରନ୍ତ ୧ କୋଟି ୩୬ ଲକ୍ଷ ଟଙ୍କା ଏବଂ ପୁରୀ ଜିଲ୍ଲା ପାଇଁ ୩୨ ହଜାର ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

ଆସିବାର ଥିଲା ୭୧୪, ଆସିଲେ ୧୬୦ ପ୍ରବାସୀ

ରାୟଗଡ଼ା,୨୧।୫/ଏନ୍ଏନ୍ଏସ୍: ପ୍ରବାସୀ ଶ୍ରମିକଙ୍କୁ ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ଜାରି ରହିଛି ଅପରେସନ ଶୁଭାଯାତ୍ରା। ତାଲାବନ୍ଦ ଯୋଗୁଁ ଦିନେ ଦୁଇଦିନ ବ୍ୟବଧାନରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ରେଳ ଯୋଗେ ରାୟଗଡ଼ାକୁ ଆଣି ଏଠାରୁ ପୁଣି ସୀମାନ୍ତ ୬ଟି ଜିଲ୍ଲାକୁ ବସ ଯୋଗେ ନିଜନିଜ ଅଞ୍ଚଳକୁ ପଠାଉଛି ରାୟଗଡ଼ା ଜିଲ୍ଲା ପ୍ରଶାସନ। ତେବେ ପ୍ରବାସୀଙ୍କ ସ୍ୱତନ୍ତ୍ର ଟ୍ରେନ ଆସିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଦ୍ୱାରା ଯଥାସମ୍ଭବ ପ୍ରସ୍ତୁତି ଗ୍ରହଣ କରାଯାଉଛି। ମଙ୍ଗଳବାର ରାୟଗଡ଼ା ତଥା ପଡ଼ୋଶୀ ଛଅଗୋଟି ଜିଲ୍ଲାର ମୋଟ ୭୧୪ ଜଣ ପ୍ରବାସୀ ଆସିବା ନେଇ ଜିଲ୍ଲା ପ୍ରଶାସନ ନିକଟରେ ସୂଚନା ପହଞ୍ଚିବା ପରେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ନେତୃତ୍ୱରେ ଷ୍ଟେସନ ପରିସରରେ ଚାଲିଲା ଅପରେସନ ଶୁଭଯାତ୍ରାରେ ଆସୁଥିବା ପ୍ରବାସୀଙ୍କୁ ସ୍ୱାଗତକରିବା ନିମନ୍ତେ ଯୋଜନା। ପ୍ରବାସୀ ଟ୍ରେନରୁ ଓହ୍ଲାଇବା ମାତ୍ରେ ସାମାଜିକ ଦୂରତ୍ୱ ପାଳନ କରାଯାଇ ସମସ୍ତଙ୍କ ପଞ୍ଜୀକରଣ କଲା ପରେ ଷ୍ଟେସନରୁ ବାହାରିବା ବେଳକୁ ଖାଦ୍ୟ ପ୍ୟାକେଟ ପ୍ରଦାନ ଓ ବସ ଯୋଗେ ନିଜ ଅଞ୍ଚଳକୁ ପଠାଇବା ପାଇଁ ପ୍ରସ୍ତୁତ ହେଲା ବ୍ଲୁ ପ୍ରିଣ୍ଟ୍।

ଯୋଜନା ମୁତାବକ ୭୧୪ ଜଣଙ୍କ ପାଇଁ ଖାଦ୍ୟ ପ୍ୟାକେଟରୁ ଆରମ୍ଭ କରି ବସ ଯାଏଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। କିନ୍ତୁ ୭୧୪ ଜଣ ପରିବର୍ତ୍ତେ ରାୟଗଡ଼ାରେ ଓହ୍ଲାଇଲେ ମାତ୍ର ୧୬୦ ଜଣ। ଏତେ କମ ସଂଖ୍ୟକ ଯାତ୍ରୀ ଟ୍ରେନରୁ ଓହ୍ଲାଇବା ସାଧାରଣରେ ରେଳବିଭାଗ, ରେଳ ଛାଡ଼ିଥିବା ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ ଏଠିକା ଜିଲ୍ଲା ପ୍ରଶାସନ ମଧ୍ୟରେ କିଭଳି ରହିଛି ସମନ୍ୱୟ ଏଥିରୁ ସ୍ୱଷ୍ଟ ପ୍ରମାଣିତ କରୁଛି। ରେଳ ବିଭାଗ ପକ୍ଷରୁ ୭୧୪ ଜଣ ଯାତ୍ରୀଙ୍କ ସୂଚନା ପାଇବା ପରେ ପ୍ରବାସୀଙ୍କୁ ଘରକୁ ପଠାଇବା ସକାଶେ ଅନୁରୂପ ସଂଖ୍ୟାରେ ବସ ବ୍ୟବସ୍ଥା ଓ ଖାଦ୍ୟ ପାନୀୟ ବ୍ୟବସ୍ଥା ହୋଇଥିଲା। କିନ୍ତୁ ପରିଶେଷରେ ସମୀକରଣ ପରିବର୍ତ୍ତନ ଯୋଗୁଁ ଜିଲ୍ଲା ପ୍ରଶାସନ ଚିନ୍ତା ବଢ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଏ ନେଇ ଉପଜିଲ୍ଲାପାଳ ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏହାର ପ୍ରକୃତ କାରଣ ଜିଲ୍ଲା ପ୍ରଶାସନର ପରିସରଭୁକ୍ତ ନୁହେଁ। ତେଣୁ ପ୍ରବାସୀ ଶ୍ରମିକଙ୍କ କୌଣସି ସମସ୍ୟା ହେତୁ ସେମାନେ ଟ୍ରେନରେ ଆସିପାରି ନଥିବେ। ମୋଟାମୋଟି ରୂପେ ପ୍ରଶାସନ ତରଫରୁ ୭୧୪ଜଣଙ୍କ ବ୍ୟବସ୍ଥା ହୋଇଥିବାବେଳେ ବଳକା ଖାଦ୍ୟ ପ୍ୟାକେଟ କେରେଡ଼ା ସମେତ ଅନ୍ୟ ସଙ୍ଗରୋଧ କେନ୍ଦ୍ରରେ ରହିଥିବା ଅନ୍ତେବାସୀଙ୍କୁ ପଠାଯାଇଥିଲା। ଗୋଟିଏ ମାଲକାନଗିରି, ଗୋଟିଏ କନ୍ଧମାଳ, କୋରାପୁଟ ଓ ରାୟଗଡ଼ା ପାଇଁ ଗୋଟିଏ ବସ ପଠାଇ ପ୍ରବାସୀଙ୍କୁ ନିଜ ଅଞ୍ଚଳକୁ ଛାଡ଼ିବା ପରେ ଆଉ ସମସ୍ତ ବସଗୁଡ଼ିକୁ ଜିଲ୍ଲାର ଅନ୍ୟ ସଙ୍ଗରୋଧ କେନ୍ଦ୍ରରେ ଫସିଥିବା ବଲାଙ୍ଗିର ଜିଲ୍ଲାର ପ୍ରବାସୀଙ୍କୁ ସେଥିରେ ପଠାଯାଇଥିଲା। ପ୍ରବାସୀ ଶ୍ରମିକଙ୍କୁ ନେବାକୁ ଆସିଥିବା ସମ୍ପୃକ୍ତ ଜିଲ୍ଲାକୁ ଉକ୍ତ ବସ ପଠାଇ ଦିଆଯାଇଥିଲା ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ପହିଲାରୁ ୧୨ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍: ଆସନ୍ତା ଜୁନ୍ ପହିଲାଠାରୁ ଇଷ୍ଟକୋଷ୍ଟ ରେଳବାଇ ପକ୍ଷରୁ ୧୨ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଏନେଇ ରେଳ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ସୂଚୀ ଅନୁଯାୟୀ ଭୁବନେଶ୍ୱରରୁ ମୁମ୍ବାଇକୁ କୋଣାର୍କ ଏକ୍ସପ୍ରେସ ଚାଲିବାକୁ ଥିବାବେଳେ, ଭୁବନେଶ୍ୱରରୁ ହାଓ୍ୱଡ଼ାକୁ ଜନଶତାବ୍ଦୀ ଏକ୍ସପ୍ରେସ ଚାଲିବ। ସେହିପରି ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ, ପୁରୀ-ସିଆଲଦା ଦୁରନ୍ତୋ ଏକ୍ସପ୍ରେସ, ବିଶାଖାପଟଣା-ନୂଆଦିଲ୍ଲୀ ଏପି ଏକ୍ସପ୍ରେସ ମଧ୍ୟ ୧ ତାରିଖରୁ ଚଳାଚଳ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ଏପଟେ ଓଡ଼ିଶା ମଧ୍ୟ ଦେଇ ହାଓ୍ୱଡ଼ା-ମୁମ୍ବାଇ, ହାଓ୍ୱଡ଼ା-ଅହମ୍ମଦାବାଦ, ହାଓ୍ୱଡ଼ା- ବଡ଼ବିଲ ଟ୍ରେନ ମଧ୍ୟ ଚଳାଚଳ କରିବ। ଏତଦ୍‌ବ୍ୟତୀତ ହାଓ୍ୱଡ଼ା-ସିକନ୍ଦରାବାଦ ଫଲକନାମା ଏକ୍ସପ୍ରେସ, ଧାନବାଦ-ଆଲପେ ଏକ୍ସପ୍ରେସ ଏବଂ ହାଓ୍ୱଡ଼ା-ଯଶୋବନ୍ତପୁର ଦୁରନ୍ତୋ ଏକ୍ସପ୍ରେସ ଚଳାଚଳ ନେଇ ମଧ୍ୟ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ମହିଳାଙ୍କ କିଡ୍‌ନୀ ଚୋରି ଘଟଣା

ଏସ୍‌ପି ଓ ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ୍

ଢେଙ୍କାନାଳ,୨୧।୫/ଏନ୍ଏନ୍ଏସ୍: ଢେଙ୍କାନାଳ ସହରର ଏକ ଘରୋଇ କ୍ଲିନିକରେ ଜନୈକ ମହିଳାଙ୍କର ଗର୍ଭାଶୟ ଚିକିତ୍ସା କରାଇବା ଆଳରେ ତାଙ୍କର କିଡ୍‌ନୀ ଚୋରି କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ ଏସ୍‌ପି ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି। ଘଟଣାର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମାନବାଧିକାର କମିଶନଙ୍କ ପକ୍ଷରୁ ଏସ୍‌ପି ଓ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟ ଜୁନ୍ ୨୮ ତାରିଖ ସୁଦ୍ଧା ପହଞ୍ଚାଇବା ନିମନ୍ତେ ସମୟ ନିର୍ଦ୍ଧାରଣ କରାଯାଇଛି।

ସୂଚନାଯୋଗ୍ୟ ଯେ ଗଁଦିଆ ଥାନା ଖଙ୍କର ଗ୍ରାମର ଅଶ୍ୱିନୀ ପାଣିଙ୍କ ପତ୍ନୀ କବିତା ପାଣି (୪୩) ଅଭିଯୋଗ କରିଥିଲେ ଯେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଗତ ୨୦୧୫ ମସିହା ସେପ୍ଟେମ୍ବର ୧୫ରେ କଟକସ୍ଥିତ ଷଡ଼ଙ୍ଗୀ କ୍ଲିନିକ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରକୁ ଯାଇ ଡା.ଆର.କେ ପାଣିଗ୍ରାହୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଇଥିଲେ। ଏଥି ସହିତ ଅଲଟ୍ରାସାଉଣ୍ଡ ମଧ୍ୟ କରାଇଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟରେ ଗର୍ଭାଶୟ ଖରାପ ଥିବା ଜାଣିବାକୁ ପାଇଥିଲେ।ଏନେଇ ଷଡ଼ଙ୍ଗୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ତାଙ୍କୁ ୪୦ ହଜାର ଟଙ୍କା ବ୍ୟୟରେ ଅପରେସନ କରିବା ପାଇଁ କୁହାଯାଇଥିଲା। ମାତ୍ର ଶ୍ରୀମତୀ ପାଣିଙ୍କର ଅର୍ଥାବସ୍ଥା ଭଲ ନଥିବା ଯୋଗୁଁ ସେ ଏ ନେଇ ଢେଙ୍କାନାଳ ସହରର ଜଗନ୍ନାଥ ନର୍ସିଂହୋମରେ ଥିବା ଡା.ଶରତ କୁମାର ରଥଙ୍କ ସହ ପରାମର୍ଶ କରିଥିଲେ। ଡା.ଶ୍ରୀ ରଥଙ୍କ ପରାମର୍ଶ କ୍ରମେ ଶ୍ରୀମତୀ ପାଣି ଜଗନ୍ନାଥ ହସ୍ପିଟାଲରେ ୨୦ହଜାର ଟଙ୍କା ବ୍ୟୟରେ ନିଜର ଗର୍ଭାଶୟ ଅସ୍ତ୍ରୋପଚାର କରାଇଥିଲେ। ସେପ୍ଟେମ୍ବର ୨୮ ତାରିଖରେ ଉକ୍ତ ଡାକ୍ତରଖାନାରୁ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ପୁନର୍ବାର ତାଙ୍କ ପେଟ ଏବଂ ପରିସ୍ରାରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଢେଙ୍କାନାଳକୁ ଆସି ଡା. ଶ୍ରୀ ରଥଙ୍କୁ ପରାମର୍ଶ କରିବା ସହ ଔଷଧ ନେଇ ଚିକିତ୍ସିତ ହେଉଥିଲେ। ଉକ୍ତ ଚିକିତ୍ସାର କୌଣସି ସୁଫଳ ନମିଳିବାରୁ ଶ୍ରୀମତୀ ପାଣି କଟକ ଯାଇ ଡା.ଏନ୍.ଆର ମିଶ୍ରଙ୍କ ପରାମର୍ଶ କ୍ରମେ ଆପେକ୍ସ ଡାଇଗ୍ନୋଷ୍ଟିକକୁ ଯାଇ ଅଲଟ୍ରାସାଉଣ୍ଡ କରାଇବା ସମୟରେ ତାଙ୍କର ବାମପାର୍ଶ୍ୱରେ ଥିବା କିଡ୍‌ନୀଟି ନଥିବାର ଜାଣିବାକୁ ପାଇଥିଲେ। ତଥାପି ଆଉ ୨ଟି ଅଲଟ୍ର ସାଉଣ୍ଡ କ୍ଲିନିକରେ ଅଲଟ୍ରାସାଉଣ୍ଡ କରି କିଡ୍‌ନୀ ନଥିବାର ସ୍ୱଷ୍ଟ ପ୍ରମାଣ ପାଇଥିଲେ। ଅନ୍ୟପଟେ ଶ୍ରୀମତୀ ପାଣି ତାଙ୍କର କିଡ୍‌ନୀ ହରାଇବା ଦ୍ୱାରା ସଂକ୍ରମିତ ହୋଇ କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଶ୍ରୀମତୀ ପାଣି ମାନବାଧିକାର କର୍ମୀ ତଥା ଆଇନଜୀବୀ ବୈକୁଣ୍ଠନାଥ ଦ୍ୱିବେଦୀଙ୍କ ସହାୟତାରେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

କରୋନା ବଢ଼ାଇଲା ବେକାରୀ ହାର

ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍: କରୋନା ଭୂତାଣୁ ସାରା ଦେଶରେ କାୟା ବିସ୍ତାର କରିଛି। ଏଥିପାଇଁ ସବୁଆଡ଼େ ଲକ୍‌ଡାଉନ। ଏହି କାରଣରୁ ଅନେକ ଲୋକ ଜୀବିକା ହରାଇଛନ୍ତି। ବାହାର ରାଜ୍ୟରେ ଅନାହାରରେ ଜୀବନ ସହ ସଂଘର୍ଷ କରୁଥିବା ପ୍ରବାସୀମାନେ ନିଜ ଜନ୍ମମାଟିକୁ ଫେରୁଛନ୍ତି। ଫଳରେ କେବଳ ପ୍ରବାସୀ ନୁହନ୍ତି ରାଜ୍ୟରେ ବସବାସ କରୁଥିବା ଲୋକେ ବି ସେମାନଙ୍କ ଜୀବିକା ହରାଇଛନ୍ତି। ଏହି ରିପୋର୍ଟ ଉଲ୍ଲେଖ କରିଛି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ)।

୧୦୦ ରେ ୨୪ ବେକାର

ତଥ୍ୟ ଅନୁସାରେ, କରୋନା ଭୂତାଣୁ ଆସିବା ପର ଠାରୁ ରାଜ୍ୟରେ ୨୦.୭ ପ୍ରତିଶତ ବେକାରୀ ହାର ବଢ଼ିଛି। ଫେବୃଆରୀ ସୁଦ୍ଧା ରାଜ୍ୟରେ ବେକାରୀ ହାର ୩.୧ % ଥିଲା। ପରବର୍ତ୍ତୀ ସମୟରେ ତଥା ମେ' ୨୦ତାରିଖ ସୁଦ୍ଧା ଏହି ହାର ୨୩.୮ ପ୍ରତିଶତକୁ ଛୁଇଁଛି। ଏହାର ମାନେ ରାଜ୍ୟରେ ପ୍ରତି ୧୦୦ଜଣ ଲୋକରେ ୨୪ଜଣ ଏବେ ବେକାର ହୋଇଯାଇଛନ୍ତି। ରାଜ୍ୟରେ ଜାନୁଆରୀ ମାସରେ ୧.୯ %, ଫେବୃଆରୀରେ ୩.୧ %, ମାର୍ଚ୍ଚରେ ୧୩.୧ପ୍ରତିଶତ ଓ ଅପ୍ରେଲରେ ୨୩.୮ % ବେକାର ହାର ରହିଥିଲା। କରୋନା ଯୋଗୁଁ ବେକାରୀ କ୍ଷେତ୍ରରେ ଏବେ ଓଡ଼ିଶା ୮ମ ସ୍ଥାନରେ ରହିଛି। ପ୍ରଥମ ସ୍ଥାନରେ ପୁଡୁଚେରୀ ୭୫.୮ %, ଦ୍ୱିତୀୟରେ ତାମିଲନାଡୁ ୪୯.୮, ତୃତୀୟରେ ଝାଡ଼ଖଣ୍ଡ ୪୭.୧ % ଲୋକ ବେକାରୀ ହୋଇଯାଇଛନ୍ତି। ସେହିପରି ସମଗ୍ର ଦେଶରେ ଫେବୃଆରୀ ମାସ ସୁଦ୍ଧା ୭.୭୬ % ଲୋକ ବେକାରୀ ଥିଲେ। କରୋନା ଯୋଗୁଁ ପରବର୍ତ୍ତୀ ସମୟରେ ତଥା ୨୦ ମେ' ସୁଦ୍ଧା ବେକାରୀ ହାର ୨୪.୧ %କୁ ବଢ଼ିଯାଇଛି। ଦେଶର ସହରାଞ୍ଚଳରେ ଏବେ ୨୬ ପ୍ରତିଶତ ଲୋକ ବେକାର ଥିବାବେଳେ, ଗ୍ରାମାଞ୍ଚଳରେ ୨୩.୨ ପ୍ରତିଶତ ଲୋକ ବେକାର ହୋଇଯାଇଛନ୍ତି। ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଚଳିତ ଜାନୁଆରୀ ମାସରେ ଦେଶରେ ୭.୨୨ % ଲୋକ ବେକାର ଥିଲେ। ଏହି ସମୟରେ ସହରାଞ୍ଚଳରେ ୯.୭୦ % ଓ ଗ୍ରାମାଞ୍ଚଳରେ ୬.୬ % ଲୋକ ବେକାର ଥିଲେ। ସେହିପରି ଫେବୃୟାରୀରେ ୭.୭୬ %ବେକାର ଥିଲେ। ସହରାଞ୍ଚଳରେ ୮.୬୫ % ଓ ଗ୍ରାମାଞ୍ଚଳରେ ୭.୩୪ %। ମାର୍ଚ୍ଚରେ ୮.୭୫ % ଲୋକ ବେକର ଥିଲେ। ସହରାଞ୍ଚଳରେ ୯.୪୧ ଓ ଗ୍ରାମାଞ୍ଚଳରେ ୮.୪୪ ବେକାର ଥିଲେ। ଏପ୍ରିଲରେ ୨୩.୫୨ % ବେକାର ହାର ରହିଥିବା ବେଳେ ସହରାଞ୍ଚଳରେ ୨୪.୯୫ % ଓ ଗ୍ରାମାଞ୍ଚଳରେ ୨୨.୮୯ % ଲୋକ ବେକାର ଥିଲେ। ଏଭଳି ପରିସ୍ଥିତିରେ ଦେଶରେ ଓ ରାଜ୍ୟରେ ବେକାରୀ ସମସ୍ୟା ବଢ଼ିବାରେ ଲାଗିଛି। ଖାଲି ପ୍ରବାସୀ ଶ୍ରମିକ ନୁହେଁ ରାଜ୍ୟରେ ମଧ୍ୟ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ବନ୍ଦ ରହିଛି। କାମ କରୁଥିବା କର୍ମଚାରୀମାନେ ସେମାନଙ୍କ ଘରକୁ ଫେରିଯାଇଛନ୍ତି। ଲକ୍‌ଡାଉନ କାରଣରୁ ସେମାନେ ଆଉ କର୍ମସ୍ଥଳକୁ ଫେରିପାରୁନାହାନ୍ତି। ରାଜ୍ୟରେ ବେକାରୀ ସମସ୍ୟା ଆଗାମୀ ଦିନରେ ଆହୁରି ବଢ଼ିବା ଭଳି ମନେହେଉଛି।

ଲକ୍‌ଡାଉନ୍ ବେଳେ ନିମ୍ନ ଉପାୟରେ ଏଚ୍.ଆଇ.ଭି.ର ଏଆରଟି ଚିକିତ୍ସା କରାଯାଇ ପାରିବ

(ଏଚ୍.ଆଇ.ଭି. ସଂକ୍ରମିତ ବ୍ୟକ୍ତିମାନେ ନିୟମିତ ସଠିକ୍ ସମୟରେ ଏ.ଆର.ଟି. ଔଷଧ ସେବନ କରିବା ନିହାତି ଜରୁରୀ ଅଟେ)

- କୋଭିଡ୍-୧୯ରୁ ସର୍ବଦା ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମାବଳୀକୁ ପାଳନ କରନ୍ତୁ।
- ଯଦି କେହି ଏ.ଆର.ଟି. କେନ୍ଦ୍ରକୁ ଯାଇ ନ ପାରୁଛନ୍ତି କିମ୍ବା ଏ ପର୍ଯ୍ୟନ୍ତ ଔଷଧ ପାଇପାରି ନାହାନ୍ତି, ତେବେ ଆପଣଙ୍କ ଗ୍ରୀନ୍ ବହିର ଶେଷ ପୃଷ୍ଠାରେ ଲେଖାଯାଇଥିବା ଏ.ଆର.ଟି. କେନ୍ଦ୍ରର ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ। ଆପଣଙ୍କ ଟେଲିଫୋନ ନମ୍ବର, ପଞ୍ଜୀକୃତ ନମ୍ବର, ସଠିକ ଠିକଣା ବିଷୟରେ ଜଣାନ୍ତୁ। ଆପଣ ଯଦି ଇଚ୍ଛୁକ, ତାହେଲେ ଆପଣଙ୍କ ଘରେ ଏହି ଔଷଧ ପହଞ୍ଚାଇ ଦିଆଯିବ ଅଥବା ଆପଣଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇ.ସି.ଟି.ସି. କେନ୍ଦ୍ରରେ ଉପଲବ୍ଧ କରାଯିବ।
- ଏଚ୍.ଆଇ.ଭି. ବିଷୟରେ ଅଧିକ ଜାଣିବା ପାଇଁ ଜାତୀୟ ନିଃଶୁଳ୍କ ନମ୍ବର ୧୦୯୭ରେ ଫୋନ୍ କରନ୍ତୁ ଏବଂ ଲକ୍‌ଡାଉନ ସମୟରେ ଏ.ଆର.ଟି. ଔଷଧ ଉପଲବ୍ଧ ନିମନ୍ତେ ମଧ୍ୟ ଏହା ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ।

ଏ ପର୍ଯ୍ୟନ୍ତ ୧୫ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଏ.ଆର.ଟି. ଔଷଧ ପାଇସାରିଲେଣି।

AIDS Helpline 1097

ଜାନେଁ ସମଝେଁ, ଜୁଗ-ଜୁଗ ଜୀଏଁ!
ଜାଣନ୍ତୁ, ବୁଝନ୍ତୁ ଓ ସୁସ୍ଥ ରୁହନ୍ତୁ!

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି, ଭୁବନେଶ୍ୱର

OSACS

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର